ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଜିଲ୍ଲା:ନୂଆପଡା ।

ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ମୋରମ ଖାଦାନ/ ବାଲି ଘାଟ) ପାଞ୍ଚ ବର୍ଷିଆ ଲିଜ ନିମନ୍ତେ

## ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା. ୨୪୦୨ / ତାରିଖ. ୧୩.୭.୧୮

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋମନା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ମୋରମ ଖାଦାନ/ ବାଲି ଘାଟ) ଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦି ସୂତ୍ରରେ ପାଞ୍ଚ ବର୍ଷ ପାଇଁ ଲିଜ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଏଥି ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିବେ । ଟେଣ୍ଡର ଫାରମ (ସମସ୍ତ ବିବରଣୀ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ, ୨୦୧୬ [OMMC (Amendment) Rule, 2016] ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M, ଟ. ୧୦୦୦.୦୦ କା ଏବଂ ଅତିରିକ୍ତ ୦୫ ପ୍ରତିଶତ ଭାଟ ମୂଲ୍ୟ ରେ ତହସିଲ କାର୍ଯ୍ୟାଳୟରୁ ତା. ୦୬.୦୭.୧୮ରିଖ ଠାରୁ ତା. ୨୪.୦୭.୨୦୧୮ରିଖ ଘ.୫.୦୦ଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ଓ ସମୟରେ ଉପଲବ୍ଧ ହେବ । ଉକ୍ତ ରାଶି ଫେରସ୍ତ ହେବ ନାହିଁ । ପ୍ରତ୍ୟେକ ଉତ୍ସ ନିମନ୍ତେ ତିନି କିତା ଲେଖାଏଁ ଫାରମ-M ସମ୍ପୂର୍ଣ୍ଣ ରୂପେ ଭର୍ତ୍ତି କରି ଆବଶ୍ୟକୀୟ କାଗଜାତ ସହ, ଜଉମୁଦ ଲଫାପା କରି ତହସିଲଦାର, କୋମନା ଙ୍କ କାର୍ଯ୍ୟାଳୟ କୁ ରେଜିଷ୍ଟ୍ରି/ ସ୍ପିଡ ପୋଷ୍ଟ ଜରିଆରେ ସମସ୍ତ ଆବଶ୍ୟକ କାଗଜାତ ସଂଲଗ୍ନକ ସହ ଲିଜ ପାଇଁ ଧାର୍ଯ୍ୟ ତାରିଖ ଅର୍ଥାତ ତା. ୩୧.୦୭.୨୦୧୮ ରିଖ ଅପରାହ୍ଣ ୦୫.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ ।ଉକ୍ତ ସମୟ ଅବଧି ପରେ କୌଣସି ଟେଣ୍ଡର ପେପର ଗ୍ରହଣୀୟ ନୁହେଁ । ଡାକ ଜନିତ ବିଳମ୍ବ ଯୋଗୁଁ କାର୍ଯ୍ୟପକ୍ଷ ଦାୟୀ ରହିବେ ନାହିଁ । **ଲଫାପା ଉପରେ ସୈରାତ ଉତ୍ସ ର ନାମ ଲେଖାଥିବା ଏକାନ୍ତ ଆବଶ୍ୟକ ।** ପୃଥକ ସୈରାତ ଉତ୍ସ ପାଇଁ ପୃଥକ ପୃଥକ ଫାରମରେ ଆବେଦନ କରିବାକୁ ପଡିବ । ନିଲାମ ଧାର୍ଯ୍ୟ ତାରିଖ ର ପୂର୍ବ ଦିନ ଅର୍ଥାତ ତା. ୩୧.୦୭.୨୦୧୮ରିଖ ଅପରାହ୍ଣ ଘ. ୫.୦୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାର କୁ ନିଆଯିବ ନାହିଁ ତଥା ଉକ୍ତ ଦରଖାସ୍ତ ଗୁଡିକ ଖାରଜ କରାଯିବ । ତା:୦୧.୦୮.୨୦୧୮ ରିଖ ବୁଧବାର ପୂର୍ବାହ୍ନ୧୧.୦୦ ଘଟିକା ସମୟ ରେ ତହସିଲଦାର , କୋମନା ଙ୍କ କାର୍ଯ୍ୟାଳୟ ରେ ସମସ୍ତ ଆବେଦନକାରୀ କିମ୍ବା ଆବେଦନକାରୀଙ୍କ ଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । କୌଣସି ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଅନୁପସ୍ଥିତି ଯୋଗୁଁ ଉକ୍ତ ପ୍ରକ୍ରିୟା ବନ୍ଦ ହେବ ନାହିଁ । ଅସମ୍ପୂର୍ଣ୍ଣ ଅଥବା ସଂଲଗ୍ନ ବିହୀନ ଦରଖାସ୍ତ ଗୁଡିକୁ ନାକଚ କରିଦିଆଯିବ ।

ତା. ୦୧.୦୮.୨୦୧୮ ରିଖ ରେ ଯଦି ଲିଜ ପ୍ରକ୍ରିୟା ସମ୍ପୂର୍ଣ୍ଣ ନହୁଏ , ତେବେ ବକେୟା ଉତ୍ସ ନିମନ୍ତେ ତା. ୦୮.୦୮.୨୦୧୮ ରିଖ ଦିବା ଘ. ୧୧.୦୦ ଟିକା ଏବଂ ସମ ପରିସ୍ଥିତିରେ ତା. ୧୬.୦୮.୨୦୧୮ ରିଖ ଦିବା ଘ. ୧୧.୦୦ ଟିକା ଯେଉଁ ସୈରାତ ଉତ୍ସ ନିମନ୍ତେ ଟେଣ୍ଡର ପେପର ପଡିଥିବା ତାହାର ଟେଣ୍ଡର ପେପର ଖୋଲିବା ପ୍ରକ୍ରିୟା ପୁଣି ଥରେ ହେବ । ତହସିଲଦାର, କୋମନା ଙ୍କ କାର୍ଯ୍ୟାଳୟ ରେ ସମସ୍ତ ଆବେଦନକାରୀ କିମ୍ବା ଆବେଦନକାରୀଙ୍କ ଙ୍କ ପ୍ରତିନିଧି ଙ୍କ ଉପସ୍ଥିତିରେ ଟେଣ୍ଡର ପେପର ଖୋଲାଯିବ । କୌଣସି ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧି ଙ୍କ ଅନୁପସ୍ଥିତି ଯୋଗୁଁ ଉକ୍ତ ପ୍ରକ୍ରିୟା ବନ୍ଦ ହେବ ନାହିଁ । ଅସମ୍ପୂର୍ଣ୍ଣ ଅଥବା ସଂଲଗ୍ନ ବିହୀନ ଦରଖାସ୍ତ ଗୁଡିକୁ ନାକଚ କରିଦିଆଯିବ ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଏବଂ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡା ଜିଲ୍ଲା ୱେବସାଇଟ ରେ (www.nuapada.nic.in) ମଧ୍ୟ ଉପଲବ୍ଧ ଅଛି ।

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/ ଦସ୍ତାବିଜ : (ତିନି କିତା)

୧. ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ, ୨୦୧୬[OMMC (Amendment) Rule, 2016] ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M: ୦୩ କିତା

୨. ଦରଖାସ୍ତ ଫି ବାବଦ କୁ ଟ୍ରେଜେରି ଚାଲାଣ (ଫେରସ୍ତ ଦିଆଯିବ ନାହିଁ ) ଟ. ୧୦୦୦.୦୦ କା
*(Head of Account: 0853-Non-ferrous-Mining and Metallurgical Industries-102-Minerals Concession Fee, Rents and Royalties)*

୩. ପ୍ରସ୍ତାବିତ ସୈରାତ ଉତ୍ସର ତହସିଲ ସହିତ ଚୌହଦିର ସମ୍ପୂର୍ଣ୍ଣ ବିବରଣୀ ତହସିଲ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ ।

୪. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ର ତାଲିକା ।

୫. ପରିଶୋଧ କ୍ଷମତା ପ୍ରମାଣ ପତ୍ର (Solvency Certificate)
[କେତେ ପରିମାଣର ପରିଶୋଧ କ୍ଷମତା ପ୍ରମାଣ ପତ୍ର (Solvency Certificate) ଦାଖଲ କରିବେ ତାହା ଉତ୍ସ ତାଲିକା ରେ ପ୍ରତ୍ୟେକ ଉତ୍ସ ର ଦକ୍ଷିଣ ପାର୍ଶ୍ୱରେ ଦର୍ଶାଯାଇଛି]

୬. ସୈରାତ ଉତ୍ସ (mining dues) ବାବଦରେ ସରକାରୀ ଦେୟ ବକେୟା ନଥିବାର ସତ୍ୟପାଠ (affidavit)

୭. ଗତ ଆର୍ଥିକ ବର୍ଷ (୨୦୧୭-୧୮) ପାଇଁ VAT Clearance Certificate

୮. ଆୟକର କ୍ଲିୟରାନ୍ସ (income tax clearance) କିମ୍ବା ୨୦୧୭-୧୮ ଆର୍ଥିକ ବର୍ଷର ଆୟକର ରିଟର୍ଣ୍ଣ (income tax return)ଦାଖଲ ର ନକଲ ।

୯. ଅନ୍ୟାନ୍ୟ ବିବରଣୀ ଯଥା: ଭୌଗଳିକ ସ୍ଥାନ, ଉପଲବ୍ଧ ଥିବା ଯନ୍ତ୍ରପାତି ଇତ୍ୟାଦି ସମ୍ପର୍କିତ ତଥ୍ୟ ।

**ଚୟନ ପ୍ରଣାଳୀ :**

a) ପଥର ଘନ ମିଟର ପିଛା ସର୍ବାଧିକ ରୟାଲଟି ମୂଲ୍ୟାଙ୍କ ଆବେଦନକାରୀଙ୍କୁ ଲିଜ ଦିଆଯିବ ।
(ପଥର ଘନ ମିଟର ପିଛା ସର୍ବ ନିମ୍ନ ମୂଲ୍ୟାଙ୍କ ଟ.୧୩୦.୦୦ଙ୍କା, ବାଲି ଏବଂ ମୋରମ ଘନ ମିଟର ପିଛା ଟ.୩୫.୦୦ ଙ୍କା)

b) ଲଘୁ ଖଣିଜ ର ସର୍ବ ନିମ୍ନ ରୟାଲଟି ମୂଲ୍ୟାଙ୍କ ଠାରୁ କମ ମୂଲ୍ୟାଙ୍କ କରିଥିବା ଦରଖାସ୍ତ ଗୁଡିକ ନାକଚ କରାଯିବ ।

c) ଯଦି ଏକାଧିକ ଆବେଦନକାରୀଙ୍କ ରୟାଲଟି ମୂଲ୍ୟାଙ୍କ ସମାନ ହୁଏ, ତେବେ ଭାଗ୍ୟ ଗୁଳା ମାଧ୍ୟମରେ ଲିଜଧାରୀ (Leasee) ଚୟନ କରାଯିବ ।

d) କ୍ଷମତାପ୍ରାପ୍ତ ଅଧିକାରୀଙ୍କ (leasor) ନିଷ୍ପତି ଚୁଡାନ୍ତ ଏବଂ ଗ୍ରହଣୀୟ ।

**ସର୍ତ୍ତାବଳୀ :**

I. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ନିୟମାବଳୀ, ୨୦୧୬ ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

II. ଯୋଗ୍ୟ ବିବେଚିତ ଲିଜଧାରୀ ନିଲାମ ଚୁଡାନ୍ତ ହେବା ଦିନ ଠାରୁ ୭ (ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଅମାନତ (EMD) ରାଶି (କେତେ ପରିମାଣର ଅମାନତ ରାଶି ଦାଖଲ କରିବେ ତାହା ଉତ୍ସ ତାଲିକା ରେ ପ୍ରତ୍ୟେକ ଉତ୍ସ ର ଦକ୍ଷିଣ ପାର୍ଶ୍ଵରେ ଦର୍ଶାଯାଇଛି) ନଗଦ ରୋକଡ କିମ୍ବା ଡାକ ସଞ୍ଚୟ ଜମା ଖାତା (ପୋଷ୍ଟାଲ ସେଭିଙ୍ଗ୍ସ ଆକାଉଣ୍ଟ) ଆକାରରେ ଛୁଟିଦିନ ବ୍ୟତୀତ ତହସିଲ କାର୍ଯ୍ୟାଳୟ, କୋମନାରେ ଦାଖଲ କରିବେ ।

III. ଯୋଗ୍ୟ ବିବେଚିତ ଲିଜଧାରୀ ନିଲାମ ଚୁଡାନ୍ତ ହେବା ଦିନ ଠାରୁ ୭ (ସାତ) ଦିନ ମଧ୍ୟରେ ନିର୍ଦ୍ଧାରିତ ଅମାନତ (EMD) ରାଶି ପଇଠ କରିବାରେ ଯଦି ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

IV. ଯୋଗ୍ୟ ବିବେଚିତ ଲିଜଧାରୀ କିମ୍ବା ଗୋଟିଏ କ୍ଲଷ୍ଟର ମଧ୍ୟରେ ଥିବା ଉତ୍ସ ମାନଙ୍କର ଲିଜଧାରୀ ମାନେ ମିଳିତ ଭାବରେ ମାଇନିଙ୍ଗ ପ୍ଲାନ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ କ୍ଷମତା ପ୍ରାପ୍ତ RQP ଙ୍କ ଠାରେ Mining Plan ଏବଂ Pre-feasibility report ତିଆରି କରି କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ approve କରାଇ ତହସିଲଦାର ଙ୍କ କାର୍ଯ୍ୟାଳୟ ରେ ଫରମ-୧ଏବଂ Annexure-୧ (check list)ସମ୍ପୂର୍ଣ ରୂପେ କରିବା ସହିତ ଅଧ୍ୟକ୍ଷ, ରାଜ୍ୟ ପରିବେଶ ପ୍ରଭାବ ନିୟନ୍ତ୍ରଣ ସଂସ୍ଥା (Chairman,SEIAA, Odisha, Bhubaneswar), ଓଡିଶା , ଭୁବନେଶ୍ୱର ଙ୍କ ସପକ୍ଷରେ ଟ. ୨୦୦୦.୦୦ଙ୍କା ପଥର ଏବଂ ଟ. ୧୦୦୦.୦୦ଙ୍କା ବାଲି/ମୋରୁମ ନିମନ୍ତେ ବ୍ୟାଙ୍କ ଡ୍ରାଫ୍ଟ କରି ଦାଖଲ କଲେ, ତାହାକୁ Chairman, SEIAA, ଓଡିଶା ଙ୍କୁ ପରିବେଶ ନିକାଶ ନିମନ୍ତେ ପ୍ରେରଣ କରାଯିବ । ନଚେତ ଲିଜ ବାତିଲ କରାଯିବ ।

V. ରାଜ୍ୟ ପରିବେଶ ପ୍ରଭାବ ନିୟନ୍ତ୍ରଣ ସଂସ୍ଥା (SEIAA), ଓଡିଶା , ଭୁବନେଶ୍ୱର ଙ୍କ ଠାରୁ ପରିବେଶ ନିକାଶ ଦାଖଲ କଲାପରେ ଲିଜ ପୃଷ୍ଟିକରଣ (confirmation) କରାଯିବ ଏବଂ ମାଇନିଙ୍ଗ ପ୍ଲାନ ରେ ଦର୍ଶାଯାଇଥିବା ଉତ୍ତୋଳନ ହେବାକୁଥିବା ଲଘୁ ଖଣିଜ ଦ୍ରବ୍ୟ ର ପରିମାଣ ତଥା ଲିଜଧାରୀ ଙ୍କ ଦ୍ଵାରା ଦର୍ଶାଯାଇଥିବା ସର୍ବୋଚ୍ଚ ରୟାଲଟି ମୂଲ୍ୟକୁ ଗୁଣନକରି ଏକ କାଳୀନ ପାଞ୍ଚ ବର୍ଷ ପାଇଁ ର ସମ୍ପୁର୍ଣ ରୟାଲଟି ରାଶି ସହିତ ଲିଜଧାରୀ, ଜମା ରୟାଲଟି ମୂଲ୍ୟର ୨% ଅର୍ଥ (PAN Number ଥିଲେ) ଓ ୨୦% (ଯଦି PAN Number ନଥିଲେ) ଆୟକର ବାବଦକୁ ଏବଂ ୫% ପରିବେଶ ପରିଚାଳନା ପାଣି କୁ ଜମା କରିବେ । ଏତଦ୍ ବ୍ୟତିତ ହେକ୍ଟର ପିଛା dead rent ବାବଦକୁ ଟ.

୧୮୦୦୦.୦୦ (ପଥରପାଇଁ) ଟ. ୧୦୫୦୦.୦୦ (ବାଲି/ ମୋରମ) ଏବଂ surface rent ବାବଦକୁ ୩୬୦.୦୦ (ପଥର/ବାଲି/ମୋରମ) ହିସାବରେ ଜମା କରିବାକୁ ପଡିବ ।

VI. ସମସ୍ତ ରୟାଲଟି ପଇଠ କରିସାରିଲା ପରେ ଓଡିଶା ରେଜିଷ୍ଟ୍ରେସନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ-୧୮୯୯ ଅନୁଯାୟୀ ଆବଶ୍ୟକୀୟ ଚୁକ୍ତିପତ୍ର (lease deed) ନିକଟସ୍ଥ ରେଜିଷ୍ଟ୍ରାର ଙ୍କ କାର୍ଯ୍ୟାଳୟ ରେ ନିଜ ଖର୍ଚ୍ଚ ରେ ରେଜିଷ୍ଟ୍ରେସନ କରି ସାତ ଦିନ ମଧ୍ୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବେ ।

VII. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସୀମା କୁ concrete pillar ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଲିଜର ସମସ୍ତ ତଥ୍ୟ, ନକ୍ସା ଥାଇ ପ୍ରଦର୍ଶନ ଫଳକ (display board) ଲଗାଇବେ ।

VIII. ଲିଜଧାରୀ Mines ଆକ୍ଟ ୧୯୫୨ ଏବଂ Explosive ଆକ୍ଟ ୧୯୮୪ ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

IX. ପରିଚାଳିତ ନିୟମ ଅନୁଯାୟୀ ଲିଜ ଅବଧି ମଧ୍ୟରେ ଅର୍ଥାତ ତ. ୦୧.୦୯.୨୦୧୬ ରିଖ ଠାରୁ ଲଘୁ ଖଣିଜ ଦ୍ରବ୍ୟ ର ରୟାଲଟି ଦର୍ଶଯାଇଥିବା ରୟାଲଟି ମୂଲ୍ୟର ୪୦ ଭାଗ ବୃଦ୍ଧି ହେବ । ଏଣୁ ସମ୍ପୃକ୍ତ ଲିଜଧାରୀ ମୂଲ୍ୟାଙ୍କନ କରିଥିବା ରୟାଲଟିରେ ମଧ୍ୟ ସମପରିମାଣ ରେ ବୃଦ୍ଧି କରାଯାଇ ରୟାଲଟି ଆଦାୟ କରାଯିବ ।

X. ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା ଜିଲ୍ଲାପାଳ ଙ୍କ ର ରହିଛି ।

## ସୂଚନା :

1. ସୈରାତ ଉତ୍ସ ସମ୍ବନ୍ଧୀୟ ସବିଶେଷ ବେବରଣୀ ଏହି କାର୍ଯ୍ୟାଳୟ ରୁ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଏବଂ ଉକ୍ତ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ତଥା ନୂଆପଡା ଜିଲ୍ଲା ୱେବସାଇଟ (www.nuapada.nic.in) ରୁ ମଧ୍ୟ ମିଳିପାରିବ ।
2. ଟେଣ୍ଡର ପେପର ଦାଖଲ ପୂର୍ବରୁ ସମ୍ପୃକ୍ତ ସୈରାତ ଉତ୍ସ କୁ ପରିଦର୍ଶନ କରି ସୈରାତ ପରିଚାଳନା ନିମନ୍ତେ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ବେ । ପରବର୍ତ୍ତୀ ସମୟରେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣ କରାଯିବନାହିଁ ।
3. ଦୈନିକ ଖବର କାଗଜ (ସମ୍ବାଦ/ ଧରିତ୍ରୀ) ର ପ୍ରକାଶିତ ବିଜ୍ଞାପନ ବାବଦକୁ ଖର୍ଚ୍ଚ ଆନୁପାତିକ ହାରରେ କୃତକାର୍ଯ୍ୟ ହୋଇଥିବା ଲିଜଧାରୀ ମାନଙ୍କଠାରୁ ଆଦାୟ କରାଯିବ ।
4. ଉକ୍ତ ଲିଜ ପ୍ରକ୍ରିୟା ରେ ତହସିଲଦାର/ ଉପ-ଜିଲ୍ଲାପାଳ, ନୂଆପଡା/ ଜିଲ୍ଲାପାଳ, ନୂଆପଡାଙ୍କ ନିଷ୍ପତ୍ତି ଚୁଡାନ୍ତ ଏବଂ କେତେକ କିମ୍ବା ସମସ୍ତ ସୈରାତ ଲିଜ ଗ୍ରହଣ/ ରଦ୍ଦ/ ସ୍ଥଗିତ କରିବା ତାଙ୍କର ଅଧିକାର ଅଟେ ।
5. ଲିଜ ପ୍ରକ୍ରିୟା ଶେଷ ହେବା ପରେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣୀୟ ନୁହେଁ ।
6. ପୂର୍ବ ବର୍ଷମାନଙ୍କର ଖିଲାପକାରି ଏବଂ କଳା ତାଲିକାଭୁକ୍ତ ବ୍ୟକ୍ତିମାନେ ଆବେଦନ କରିପାରିବେ ନାହିଁ । ଯଦ୍ୟପି କରନ୍ତି, ତାହା ବିଚାର ଯୋଗ୍ୟ ହେବ ନାହିଁ ଏବଂ ତାହା ନାକଚ କରିଦିଆଯିବ ।
7. ମାଇନିଙ୍ଗ ସ୍ଥାନ ରେ ଉଲ୍ଲିଖିତ ପରିମାଣର ଲଘୁ ଖଣିଜ (ସାଧାରଣ ପଥର) ଦ୍ରବ୍ୟ ପରିବହନ ନିମିତ୍ତ ସଂଚାର ଅନୁଜ୍ଞା ପତ୍ର (Transit Pass-Form-Y) ଅତ୍ର କାର୍ଯ୍ୟାଳୟ ରୁ ଯୋଗାଇଦିଆଯିବ ।

୪. ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ପରିବହନ ନିମନ୍ତେ କ୍ଷମତାସମ୍ପର୍ଣ୍ଣ ପ୍ରାଧିକାରୀଙ୍କଠାରୁ ଅନୁମତି ପ୍ରାପ୍ତ କରିବାକୁ ପଡିବ । ଏହି ସଞ୍ଚାର ଅନୁଜ୍ଞା ପତ୍ର (Transit Pass) କେବଳ ଉଦ୍ଦିଷ୍ଟ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ପରବହନ ବେଳେ ହିଁ ବ୍ୟବହାର କରାଯିବ । ବୈଧ ସଞ୍ଚାର ଅନୁଜ୍ଞା ପତ୍ର (Transit Pass) ବିନା କୌଣସି ଲଘୁ ଖଣିଜ ଦ୍ରବ୍ୟ ପରିବହନ ଏକ ଧର୍ତ୍ତବ୍ୟ ଅପରାଧ ଓ ଏଥିପାଇଁ ପଚିଶି ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା କିମ୍ବା/ ଏବଂ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରେ ।

ତହସିଲଦାର,କୋମନା

ଜ୍ଞାପକ ସଂଖ୍ୟା.......୨୪୭୩.......ତା.୧୭.୨........./2018

ଏହାର ଏକକିତ ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ନୂଆପଡାଙ୍କ ନିକଟକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରି ପ୍ରେରଣା କରାଗଲା।

ଏହାର ଏକକିତ ନକଲ ସମସ୍ତ ରାଜସ୍ୱ ନିରିକ୍ଷ୍ୟକଙ୍କ ଅବଗତି ଓ ସୂଚନା ଫଳକ ରେ ଛାପିବା ନିମନ୍ତେ ପ୍ରେରଣା କରାଗଲା ।

ଏହାର ଏକକୀତ ନକଲ ଉକ୍ତ କାର୍ଯ୍ୟାଳୟ/ଜିଲ୍ଲା କାର୍ଯ୍ୟାଳୟ ସୂଚନା ଫଳକରେ ଛପିବା ନିମନ୍ତେ ପ୍ରେରଣା କରାଗଲା।

ତହସିଲଦାର,କୋମନା

**TERMS & CONDITIONS**

1. The Leasee agreement is **NOT** transferable.

2. The minor mineral other than for which auction is confirmed shall not be removed from the leased area.

3. If any major mineral is found during the quarrying operation, the leasee shall report the matter to the competent authority and shall not work or remove the same henceforth.

4. The leasee shall report all accidents to the competent authority and the Collector, Nuapada

5. The leasee shall have NO right over the quarried material and other properties lying in the auction area **AFTER EXPIRY** of the term of auction and shall be deemed to be the properties of Government and may disposed of by public auction.

6. The leasee shall **NOT** undertake any operation in any forest area without obtaining prior permission from the concerned authority of the Forest Department.

7. The leasee shall pay to the occupier of the surface of the land just and reasonable compensation as may be agreed upon by the leasee and owner of the land.

8. The leasee shall **NOT** carry on quarrying operation within a distance of **50 meters** from any public road, public building, temple, reservoir, dam, burial ground, railway track etc. and non cause any damage to public and private property.

9. The leasee shall, at his own expenses, erect and at all time maintain and keep in good condition boundary marks and pillars necessary to delineate the auction area.

10. The leasee shall abide by the provisions of Miners and Mineral (Development and Regulation) Act, 1957; Mines Act, 1952; Explosive Act, 1884; Explosive Substances Act, 1908 and rules made there under and all other laws for the time being in force relating to the working of quarries and matters affecting the safety, health and conveniences of persons working for quarrying operation and of public.

11. The leasee shall obey all existing rights of way, water and other easements.

12. The leasee shall keep correct monthly account of minor minerals quarried and dispatched and furnish a monthly return in **Form. Y** to the competent authority by $15^{th}$ of succeeding month. He shall furnish an annual return in Form No. Z to the competent authority and the Director, Odisha for the financial year or part thereof within a week of the close of the financial year or expiry of the term of the auction.

13. The leasee shall allow the Director, Controlling Authority and competent authority or any officer authorized by any of them to inspect the quarrying operation and to check the accounts of production and dispatches from the register maintained by him.

14. The leasee shall **NOT** remove any minor mineral from the area without obtaining prior permission from the competent authority or any other officer authorized by him. **NO** minor minerals shall be dispatched from the area **without valid Transit Pass** issued by such officer.

15. In case laterite quarry, the leasee shall NOT used power cutter or any such machinery from excavation or laterite.

16. The leasee shall take all precautions for protection of environment and control of pollution including reclamation of the quarried out area.

17. If any event the orders of the competent authority is revised, reviewed or cancelled by the concerned controlling authority or the leasee fails to fulfill the terms and conditions of the auction sale due to force majure or such as act of God, war, insurrections, riot, civil commotion, strike, earth quake, strom, tidal wave, flood, lighting, explosion, fire and any other happening beyond control of auction holder, delay in development of infrastructure, acquiring of land for quarry operation and for use of land for public purpose; the leasee shall NOT claim for any compensation.

18. The leasee shall **NOT** use explosive in any manner without obtaining an explosive license from the appropriate authority.

19. The leasee shall pay a wage not less than the minimum wage prescribed by the State Government from time to time under the Minimum Wages Act, 1948.

20. Competent authority may impose such further condition as he may think necessary in the interest of mineral development.

21. In case of violation of the term conditions fully or partly, the Security/ EMD amount shall be forfeited and the auction sale shall stand cancelled without assigning any reason thereof and without any compensation.

22. The leasee shall obtain Environmental Clearance from the SEIAA, Odisha within one month from the date of holding lease and furnish before the Tahasildar for issue of confirmation order to extract and remove minor mineral from the sairat source(s) concerned.

23. The Leasee shall submit an undertaking to affect that, he/ she will not engage children between the age group of 6 to 14 years in minor mineral extraction work in accordance to the Child labour (Prohibition & Regulation) Act, 1986.

ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଜିଲ୍ଲା:ନୂଆପଡା ।

ସଂଶୋଧିତ ପତ୍ର

ଇସ୍ତାହାର ସଂଖ୍ୟା. ୨୪୭୩ / ତାରିଖ. ୧୮-୦୭-୨୦୧୮

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ଏହି କାର୍ଯ୍ୟାଳୟ ଟେଣ୍ଡର ନୋଟିସ ନଂ ୨୦୮୯ ତା ୨୭.୦୬.୧୮ ରେ ପ୍ରକାଶ ପାଇଥିବା ଇସ୍ତାହାର ରେ ଥିବା କ୍ରମିକ ନଂ ୭ ରେ ଥିବା ସଇରାତ ଉଛ ର ଖାତା ନଂ ୫୫୬ ପରିବର୍ତ୍ତେ ୫୬୭ ଏବଂ କ୍ରମିକ ନଂ ୧୧ ରେ ଥିବା ସଇରାତ ଉଛ ର ଖାତା ନଂ ୨୮୨ ଏବଂ ପ୍ଲଟ ନଂ ୪୬୬ ପରିବର୍ତ୍ତେ ଖାତା ନଂ ୧୭୬ ଏବଂ ପ୍ଲଟ ନଂ ୦୧,୨୪ ବୋଲି ପଠନ କରିବା ହେବେ ।

ତହସିଲଦାର, କୋମନା

ଜ୍ଞାପକ ସଂଖ୍ୟା. ୨୪୭୪ / ତାରିଖ. ୧୮-୦୭-୨୦୧୮

ଏହାର ଏକକିତା ନକଲ ସମ୍ପାଦକ, ସମ୍ବାଦ ନିକଟକୁ ରାଜ୍ୟ ସ୍ତରୀୟ ପ୍ରକାଶନରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ନୂଆପଡାଙ୍କ ନିକଟକୁ ଜିଲ୍ଲା ୱେବସାଇଟ ରେ ପ୍ରକାଶ କରିବା ନିମନ୍ତେ ଅନୁରୋଧ କରି ପ୍ରେରଣ କରାଗଲା ।

ତହସିଲଦାର, କୋମନା

ଜ୍ଞାପକ ସଂଖ୍ୟା. ୨୪୭୫ / ତାରିଖ. ୧୮-୦୭-୨୦୧୮

ଏହାର ଏକକିତା ନକଲ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରିକ୍ଷକଙ୍କ ଅବଗତି ତଥା ନିଜ ନିଜ ସୂଚନା ଫଳକରେ ଛାପିବା/ ଟାଙ୍ଗିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉକ୍ତ କାର୍ଯ୍ୟାଳୟ ସୂଚନା ଫଳକରେ ଟଙ୍ଗା ଗଲା ।

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋମନା/ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କୋମନା ଙ୍କ ନିକଟକୁ ସୂଚନା ଫଳକ ରେ ଛାପିବା ନିମନ୍ତେ ପ୍ରେରଣ କାରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନୂଆପଡ଼ା/ ଜିଲ୍ଲାପାଳ, ନୂଆପଡା ଙ୍କ କାର୍ଯ୍ୟାଳୟ ନିକଟକୁ ଅବଗତି ତଥା ସୂଚନା ଫଳକରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କୋମନା